୩୧ତମ ଜିଏସଟି ବୈଠକରେ ୨୩ଟି ବସ୍ତୁ ଉପରେ ଜିଏସଟି ହାର ହ୍ରାସ ହେବା ପ୍ରସଙ୍ଗରେ

# କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀଙ୍କୁ ଧନ୍ୟବାଦ ଜଣାଇଲା ରାଜ୍ୟ ବିଜେପି

**ଭୁବନେଶ୍ୱର,ତା୨୨/୧୨ :** ଆଜି ୩୧ତମ ଜିଏସଟି କାଉନସିଲ ବୈଠକରେ ୨୩ଟି ବସ୍ତୁ ଉପରେ ଜିଏସଟି ହାର ହ୍ରାସ କରାଯାଇଛି । ସାଧାରଣଲୋକଙ୍କ ନିତ୍ୟବ୍ୟବହୃତ ଅନେକ ବସ୍ତୁ ଉପରେ ଜିଏସଟି ହ୍ରାସ କରାଯାଇଛି । ଦେଶବାସୀଙ୍କ ହିତ ପାଇଁ ନିଆଯାଇଥିବା ଏହି ପଦକ୍ଷେପକୁ ରାଜ୍ୟ ବିଜେପି ସ୍ୱାଗତ କରିବା ସହ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀଙ୍କୁ ଧନ୍ୟବାଦ ଜଣାଇଛି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

ଟାୟାର, ଗିଅର ବକ୍ସ, ଲିଥିୟମ ବ୍ୟାଟେରୀର ପାୱାର ବ୍ୟଙ୍କ, ଡିଜିଟାଲ କ୍ୟାମେରା, ଭିଡିଓ କ୍ୟାମେରା, ୩୨ ଇଂଚ ଟିଭି ଓ ମନିଟର, ଖେଳ ସାମଗ୍ରୀ ଆଦି ବସ୍ତୁ ଉପରେ ୨୮ ପ୍ରତିଶତରୁ ଟ୍ୟାକ୍ସ ୧୮ ପ୍ରତିଶତ ହୋଇଛି । ଅନ୍ୟପଟେ ଦିବ୍ୟାଙ୍ଗ ମାନଙ୍କ ବ୍ୟବହୃତ ଗାଡି ଏବଂ ଉପକରଣ ଉପରେ ୨୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଦେଶର ଗରିବ ଓ ମଧ୍ୟବିତ ପରିବାର ଜିଏସଟି ହ୍ରାସ ଦ୍ୱାରା ଉପକୃତ ହେବେ ବୋଲି ଶ୍ରୀ ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**